# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6th September – 2025

*********************************

## ମୁଖ୍ୟ ସମ୍ବାଦ

- ଜିଏସ୍‌ଟି ସଂସ୍କାର ଦେଶର ଆର୍ଥିକ ଅସ୍ମିତାକୁ ସୁଦୃଢ଼ କରିବା ଦିଗରେ ବୈପ୍ଳବିକ ପଦକ୍ଷେପ; କହିଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଥିବା ସୂଚନା ଦେଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ
- ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ବାୟୋମାଟ୍ରିକ ଉପସ୍ଥାନକୁ ବାଧ୍ୟତାମୂଳକ କଲେ ରାଜ୍ୟ ସରକାର

ଏବଂ

- ରାଜ୍ୟରେ ଆସନ୍ତା ଚାରି ଦିନ ପର୍ଯ୍ୟନ୍ତ ବର୍ଷା ହେବା ସମ୍ଭାବନା

– ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା

# ମୁଖ୍ୟମନ୍ତ୍ରୀ- ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ଜିଏସ୍‌ଟି ସଂସ୍କାର ପାଇଁ ନିଆଯାଇଥିବା ପଦକ୍ଷେପ ଦେଶରେ ବ୍ୟବସାୟ, ବାଣିଜ୍ୟ ବୃଦ୍ଧି କ୍ଷେତ୍ରରେ ଯୁଗାନ୍ତକାରୀ ସାବ୍ୟସ୍ତ ହେବ। ଏହା ଦେଶର ଆର୍ଥିକ ଅସ୍ମିତାକୁ ସୁଦୃଢ଼ କରିବା ଦିଗରେ ଏକ ବୈପ୍ଲବିକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରରେ ଆଜି ଏକ ସାହିତ୍ୟ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶା ପାଇଁ ୪ ହଜାର କୋଟି ଟଙ୍କାର ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ସେମିକନ୍ ଇଣ୍ଡିଆ ସମ୍ମିଳନୀରେ ମଧ୍ୟ ବହୁ ଶିଳ୍ପପତିଙ୍କ ସହ ଆଲୋଚନା ସମୟରେ ସେମାନେ ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ ପାଇଁ ଆଗ୍ରହୀ ଅଛନ୍ତି। ଆସନ୍ତା ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ପେଣ୍ଟସ୍ଥଳୀରେ ପରିଣତ ହେବାକୁ ଯାଉଛି। ମହିଳା, କୃଷକମାନଙ୍କ ସାମାଜିକ ସୁରକ୍ଷା ଓ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଆସନ୍ତା କିଛି ମାସ ମଧ୍ୟରେ ବିକାଶର ଏକ ନୂଆ ଯୁଗ ସୃଷ୍ଟି ହୋଇଛି। ଏହି ଆତ୍ମବିଶ୍ୱାସ ଓ ଓଡ଼ିଆ ଅସ୍ମିତା ୨୦୩୬ ମସିହାରେ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ। ଏହା ସହ ୨୦୪୭ ମସିହାରେ ବିକଶିତ ଭାରତ ଗଠନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ

କହିଛନ୍ତି । ଶ୍ରୀ ମାଝୀ କହିଛନ୍ତି, ବର୍ତ୍ତମାନର ଯୁଗରେ ସାହିତ୍ୟିକ ମାନଙ୍କ ଆଗରେ ଅନେକ ଆହ୍ୱାନ ରହିଛି । ପ୍ରତିକୂଳତାକୁ ଲଂଘନ କରି, ଅବ୍ୟବସ୍ଥାକୁ ବିରୋଧ କରି, ସଂସ୍କାର ଓ ସାଂସ୍କୃତିକ ଚେତନାର ସମର୍ଥନ କରିବା ହେଉଛି ସାହିତ୍ୟିକ ମାନଙ୍କ ଆଭିମୁଖ୍ୟ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାଷା ଓ ସାହିତ୍ୟର ସମୃଦ୍ଧି ଏବଂ ବିକାଶ ପାଇଁ ଉଦ୍ୟମ ଜାରି ରଖିବାକୁ ସାହିତ୍ୟିକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

# - V/O –

BBSR/R

## ଅଟ୍ଟାଳିକାର ଶିଳାନ୍ୟାସ

ଭୁବନେଶ୍ୱର ୟୁନିଟ୍-୪ ସ୍ଥିତ ଓଡ଼ିଶା ବିଧାନସଭାର ପୁରାତନ ଅତିଥି ଭବନର ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ ହୋଇଯାଇଛି । ବାଚସ୍ପତି ସୁରମା ପାଢ଼ି ଏବଂ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଅଟ୍ଟାଳିକାର ସମ୍ପ୍ରସାରଣ ପାଇଁ ୩ କୋଟି ୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏହାର ନିର୍ମାଣ କାର୍ଯ୍ୟ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।

BBSR/R

## ରାସ୍ତା ମରାମତି ସମୀକ୍ଷା

ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱରରେ ରାସ୍ତା ମରାମତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ

ହୋଇଯାଇଛି । ବୈଠକରେ ଦୁର୍ଗାପୂଜା ପୂର୍ବରୁ କଟକ, ଭୁବନେଶ୍ୱର ଏବଂ ଅନ୍ୟ ସହରର ରାସ୍ତା ମରାମତି ନେଇ ଆଲୋଚନା ହୋଇଥିଲା । ଏ ସମ୍ପର୍କରେ ଶ୍ରୀ ହରିଚନ୍ଦନ କହିଛନ୍ତି, ଆସନ୍ତା ୨୦ ତାରିଖ ପୂର୍ବରୁ ରାସ୍ତା ମରାମତି କାର୍ଯ୍ୟ ଶେଷ ହେବ । ପୌରପାଳିକା ଓ ମହାନଗର ନିଗମ ସହ ମିଶି ଆଜିଠୁ ମରାମତି କାର୍ଯ୍ୟ ଆରମ୍ଭ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି ।

Desk

## ସଡ଼କ ସଂଯୋଗୀକରଣ ବୈଠକ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାରେ ସଡ଼କ  ସଂଯୋଗୀକରଣ ବ୍ୟବସ୍ଥା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୁରୁଣା ପିପିଲି-କୋଣାର୍କ ରାସ୍ତାକୁ ୭ ମିଟରରୁ ୧୦ ମିଟର ପର୍ଯ୍ୟନ୍ତ ଅଧିକ ପ୍ରଶସ୍ତ କରିବା, ପିପିଲି-କୋଣାର୍କକୁ ନୂଆ ଗ୍ରୀନ୍‌ଫିଲ୍ଡ କରିଡର ସହ ସଂଯୋଗ କରିବା ନେଇ ଆଲୋଚନା ହୋଇଥିଲା । ଏଥିସହ ପୁରୀ ସହର ଭିତରେ ଥିବା ବିଭିନ୍ନ ରାସ୍ତାର ପ୍ରଶସ୍ତିକରଣ, ନିମାପଡ଼ା ଚାରିଛକଠାରୁ ଅସ୍ତରଙ୍ଗ ଏବଂ ଜଲାରପୁରଠାରୁ ଚାରିଛକ ପର୍ଯ୍ୟନ୍ତ ଚାରିଲେନ୍ ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା ।

HS

## ଖାଦ୍ୟଯୋଗାଣ ମନ୍ତ୍ରୀ– ସାର ମହଜୁଦ

ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ଚାଷୀମାନଙ୍କ ନିମନ୍ତେ ମହଜୁଦ ଅଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

ଚାଷୀମାନେ କୌଣସି ଗୁଜବରେ ପ୍ରଭାବିତ ନ ହୋଇ ବଜାରରୁ ଆବଶ୍ୟକମତେ ସାରସଂଗ୍ରହ କରିପାରିବେ। ଏ ସମ୍ପର୍କରେ କଳାବଜାର ରୋକିବାକୁ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରୁଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

BBSR/R

## ବାୟୋମାଟ୍ରିକ ଉପସ୍ଥାନ

ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର କାର୍ଯ୍ୟାଳୟମାନଙ୍କରେ ବାୟୋମାଟ୍ରିକ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏ ନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି। ସମୟାନୁବର୍ତ୍ତିତା ଏବଂ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଏହି ବ୍ୟବସ୍ଥା କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ବାୟୋମାଟ୍ରିକ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ କରି ତୁରନ୍ତ ଅଗଗ୍ରତିର ରିପୋର୍ଟ ଦେବାକୁ ସମସ୍ତ ଜିଲ୍ଲାପାଳମାନଙ୍କୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

Desk

## ବିଏସ୍‌ଏନ୍‌ଏଲ୍ ବାଧ୍ୟତାମୂଳକ

ରାଜ୍ୟର ପ୍ରତ୍ୟେକ ସରକାରୀ ଅନୁଷ୍ଠାନ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ଭାରତ ସଂଚାର ନିଗମ ଲିମିଟେଡ୍– ବିଏସ୍‌ଏନ୍‌ଏଲ୍ ନେଟୱର୍କର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ଏ ନେଇ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ସମସ୍ତ

ବିଭାଗକୁ ପତ୍ର ଲେଖାଯାଇଛି। ପତ୍ରରେ ଉଲ୍ଲେଖ ରହିଛି, ଟେଲି କମ୍ୟୁନିକେସନ୍ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବିଏସ୍ଏନ୍ଏଲ୍ ଏବଂ ଏମ୍.ଟି.ଏନ୍.ଏଲ୍.କୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ମଞ୍ଜୁର କରିଛନ୍ତି। ଏହି ପ୍ୟାକେଜ ମାଧମରେ ବିଶେଷ କରି ଲୋକଙ୍କୁ ବିଏସ୍ଏନଏଲ୍ ନେଟଓ୍ୱର୍କରେ ୪-ଜି ଓ ୫-ଜି ସୁବିଧା ଉପଲବ୍ଧ କରାଇବା ଦିଗରେ ଖର୍ଚ୍ଚ କରାଯିବ। ଏହାଦ୍ୱାରା ରାଜସ୍ୱ ଆଦାୟ ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

Baragarh/R/V

## ଜିଏସ୍ଟି ସଂସ୍କାର

ଜିଏସ୍ଟିରେ ସଂସ୍କାର ଦ୍ୱାରା ବିଭିନ୍ନ ପ୍ରମୁଖ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ହେବା ନେଇ ଆକଳନ କରାଯାଉଛି। ଚମଡ଼ା, ଜୋତା, କାଗଜ, ବୟନଶିଳ୍ପ, ହସ୍ତଶିଳ୍ପ, ଖେଳନା, ଲଜିଷ୍ଟିକ୍ ପରି ଅତ୍ୟାବଶକୀୟ ଶିଳ୍ପକୁ ଏହି ସଂସ୍କାର ବ୍ୟବସ୍ଥାରେ ସାମିଲ କରାଯାଇଛି। ଅନେକ ସାମଗ୍ରୀରେ ଜିଏସ୍ଟି ସ୍ଲାବ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏ ସମ୍ପର୍କରେ ବରଗଡ଼ର ମନୋରମା ସାହୁ କହିଛନ୍ତି...

**- V/O –**

PIB

## ଗୋଖାଦ୍ୟ- ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କୃଷିରତ ମହିଳା ପ୍ରତିଷ୍ଠାନ (ଆଇ.ସି.ଏ.ଆର୍.– ସି.ଆଇ.ଡବ୍ଲ୍ୟୁ.ଏ)ରେ ସମାବେଶୀ ପଦ୍ଧତି ମାଧ୍ୟମରେ ପ୍ରାଣୀ ସମ୍ପଦ ଉତ୍ପାଦନ ବୃଦ୍ଧି ପାଇଁ ଗୋଖାଦ୍ୟକୁ ପ୍ରୋତ୍ସାହନ ଦେବା ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂସ୍ଥାନର ନିର୍ଦ୍ଦେଶକ ଡକ୍ଟର ମୃଦୁଳା ଦେବୀ ମହିଳାଙ୍କ ସଶକ୍ତୀକରଣ ପାଇଁ ଲିଙ୍ଗଗତ ସମାବେଶୀ ପଦ୍ଧତି ଉପରେ ଗୁରୁତ୍ୱ ଦେବା ସହ ଗୋଖାଦ୍ୟ ଚାଷକୁ ପ୍ରୋତ୍ସାହିତ କରିବା ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୨୬ଟି ଜିଲ୍ଲାର ଗୋଖାଦ୍ୟ ବିକାଶ ଅଧିକାରୀମାନେ ଯୋଗ ଦେଇଥିଲେ।

Nabarangpur

## ସ୍ୱଚ୍ଛ ସର୍ବେକ୍ଷଣ

ନବରଙ୍ଗପୁର ପୌରପାଳିକା ପକ୍ଷରୁ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସ୍ୱଚ୍ଛସର୍ବେକ୍ଷଣ-୨୦୨୫ ନିମନ୍ତେ ଏକ ଜନସେଚତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

Kandhamal/Nuapada

## ଶିକ୍ଷକ ପୁରସ୍କାର

ନୂଆପଡ଼ା ଜିଲ୍ଲା ଡୁଆଝରର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ସ୍ୱାତି ସ୍ୱାଗତିକା ବୁଡେକ’ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାରରେ ସମ୍ମାନିତ

ହୋଇଛନ୍ତି । ସେହିଭଳି କନ୍ଧମାଳ ଜିଲ୍ଲା ଦୟାନନ୍ଦ ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନେନ୍ଦ୍ର ସାମଲଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ମିଳିଛି ।

MET

## ପାଣିପାଗ

ରାଜ୍ୟର ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରୁଥିବା ସୁଦୃଶ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।

ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ୨୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି । ବୁଢ଼ାବଳଙ୍ଗ, ବୈତରଣୀ ସମେତ ପ୍ରମୁଖ ନଦୀର ଜଳସ୍ତର ବିପଦ ସଂକେତ ତଳେ ପ୍ରବାହିତ ହେଉଛି । ଆଗାମୀ ୭ ଦିନ ମଧ୍ୟରେ ସ୍ଥିତିରେ ସୁଧାର ଆସିବା ନେଇ ଆଶା କରାଯାଉଛି ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ି କହିଛନ୍ତି ।

**- V/O –**

Railway

# ଲିଙ୍କଟ୍ରେନ୍ ବିଳମ୍ବ

ପୂର୍ବତଟ ରେଳବାଇ ପକ୍ଷରୁ ଲିଙ୍କ୍‌ଟ୍ରେନ୍ ବିଳମ୍ବରେ ଚାଲିବା ଯୋଗୁଁ ଭୁବନେଶ୍ୱର-ରାଉରକେଲା ଏକ୍ସପ୍ରେସ୍‌ର ସମୟକୁ ପୁନଃନିର୍ଦ୍ଧାରିତ କରାଯାଇଛି । ପୂର୍ବରୁ ଟ୍ରେନ୍‌ଟି ଦିନ ଗୋଟାଏ ୪୦ ମିନିଟ୍‌ରେ ଗନ୍ତବ୍ୟ ସ୍ଥଳରୁ ଛାଡ଼ିବାକୁ ଥିବାବେଳେ ବର୍ତ୍ତମାନ ସନ୍ଧ୍ୟା ୬ଟା ୪୦ ମିନିଟ୍‌ରେ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିବ । ଏହି ପରିବର୍ତ୍ତନ କେବଳ ଆଜି ପାଇଁ କରାଯାଇଥିବା ରେଳବାଇ ପକ୍ଷରୁ କୁହାଯାଇଛି ।

*********************************